ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1060/17-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୭ ଜାନୁଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡ୍-୧୯ ଟୀକାକରଣ ଆରମ୍ଭ ଅବସରରେ ଟୀକା ନେଇଥିବା ସଫେଇ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ହୋଇ ଏହି ଅଭିଯାନକୁ ସଫଳ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଟୀକାକରଣର ପ୍ରଥମ ଦିନରେ ରାଜ୍ୟର ୧୩,୯୮୦ ଜଣଙ୍କୁ ଟୀକାଦାନ କରାଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅର୍ଥନୀତିର ପୁନଃସଂସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ସକ୍ରିୟ ପ୍ରୟାସ ଯୋଗୁଁ ପ୍ରମୁଖ ସୂଚକାଙ୍କଗୁଡ଼ିକରେ ଓଡ଼ିଶା ଭଲ ସ୍ଥିତିକୁ ଆସିପାରିଛି । ଅର୍ଥନୈତିକ କାର୍ଯ୍ୟକଳାପର ଏକ ପ୍ରମୁଖ ସୂଚକାଙ୍କ ଭାବେ ପରିଗଣିତ ହେଉଥିବା ବାଣିଜ୍ୟ ପରିବହନ ବିଭାଗର ରାଜସ୍ୱ ଆଦାୟ ଗତ ୨୦୨୦ ଡିସେମ୍ବର ମାସରେ ୮ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ଜୀବିକାନିର୍ବାହ କାର୍ଯ୍ୟକଳାପ ମାଧ୍ୟମରେ ମହିଳାମାନଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ପ୍ରତି ଗ୍ରାମପଞ୍ଚାୟତରେ ଏକ ଆଦର୍ଶ ଛତୁ ଫାର୍ମ ସହ ଅତିକମରେ ୫୦୩ଟି ଛତୁ ଫାର୍ମ ପ୍ରତିଷ୍ଠା କରିବାକୁ ଯୋଜନା କରିଛି । ଏହି ଫାର୍ମଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପଦ୍ମପୁର ଓ ବରଗଡ଼ ଡିପୋ ତୈଳ ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷ ପାଇଁ 'ସକ୍ଷମ ୨୦୨୧'ରେ ସମ୍ମାନଜନକ ଶ୍ରେଷ୍ଠ ଡିପୋ ପୁରସ୍କାର ଲାଭ କରିଥିବାରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍ଟିସି)କୁ ଅଭିନନ୍ଦନ ଜଣାଇଛନ୍ତି । ଇନ୍ଧନ ସଂରକ୍ଷଣ କ୍ଷେତ୍ରରେ ପୋଷଣୀୟ ଭବିଷ୍ୟତ ନିମନ୍ତେ ଅବଦାନ ଦେବା ପାଇଁ ଏହା ଅନ୍ୟମାନଙ୍କୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୩,୭୬,୮୯୬ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୩,୩୧୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୯,୩୧୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୦୩୯ ରହିଛି ।
- ୨,୦୩୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'